ଶ୍ରୀ ବଲୱନ୍ତରାୟ ଚିମନଲାଲ୍ ତ୍ରିବେଦୀ

ବନାମ

ଏମ୍. ଏନ୍. ନାଗ୍ରଷ୍ଣା ଏବଂ ଅନ୍ୟମାନେ

(ପ୍ରଧାନ ନ୍ୟାୟାଧୀଶ ବି. ପି. ସିହ୍ନା, ଜେ. ଏଲ. କପୁର୍, ପି. ବି. ଗଜେନ୍ଦ୍ରଗଡ଼କର, କେ. ସୁବ୍ଦା ରାଓ ଏବଂ କେ. ଏନ୍. ୱାଞ୍ଚୁ, ନ୍ୟାୟମୂର୍ତ୍ତିବୃନ୍ଦ)

1960
଼
ଅଗଷ୍ଟ 3

*ସର୍ବୋଚ୍ଚ ନ୍ୟାୟାଳୟ - ବିଶେଷ ଅନୁମତି ଦ୍ୱାରା ଆବେଦନ - ନିମ୍ନ ନ୍ୟାୟାଳୟଙ୍କ ଅଧିକାରିତାର ପ୍ରଶ୍ନ - ଯେଉଁଠାରେ ନ୍ୟାୟର ବିଫଳତା ହୋଇନାହିଁ ସେଠାରେ ନ୍ୟାୟାଳୟ ନିର୍ଣ୍ଣୟ କରିବା ପାଇଁ ବାଧ ନୁହଁନ୍ତି - ସମୀକ୍ଷା - ଭାରତର ସମ୍ବିଧାନ, ଅନୁଚ୍ଛେଦ 136* |

ଯେଉଁଠାରେ ମଜୁରୀ ଅର୍ଥପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ଆଦେଶ ବିରୁଦ୍ଧରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଏକ ଆଜ୍ଞାଦେଶ ଆବେଦନରେ ସେହି ନ୍ୟାୟାଳୟଙ୍କ ନିର୍ଣ୍ଣୟରୁ ବିଶେଷ ଅନୁମତି ଦ୍ୱାରା ଦାଖଲ ହୋଇଥିବା ଆବେଦନ ଶୁଣାଣି ସମୟରେ, ନ୍ୟାୟାଳୟ ବିଚାର କରିଥିଲେ ଯେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅଧିକାରିତା ସମ୍ବନ୍ଧୀୟ ଯୁକ୍ତିରେ କିଛି ପରିମାଣର ଦୃଢ଼ତା ଥିଲା କିନ୍ତୁ ଯେହେତୁ ନ୍ୟାୟର କୌଣସି ବିଫଳତା ହୋଇ ନଥିଲା ତେଣୁ ଏହି ନ୍ୟାୟାଳୟ, ଅନୁଚ୍ଛେଦ 136 ଅନୁଯାୟୀ ପ୍ରଦତ୍ତ ଏହାର କ୍ଷମତା ଅଧୀନରେ, ହସ୍ତକ୍ଷେପ କରିବେ ନାହିଁ - ଏହି ଦୃଷ୍ଟିକୋଣରୁ ନ୍ୟାୟାଳୟ ସେହି ପ୍ରଶ୍ନର ନିର୍ଣ୍ଣୟ ନେଇ ନଥିଲେ, ଏବଂ ଆବେଦନକାରୀ ରାୟର ସମୀକ୍ଷା ପାଇଁ ଆବେଦନ କରିଥିଲେ:-

ଏହା ବିଚାର କରାଯାଇଥିଲା ଯେ, ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟଙ୍କ କ୍ଷମତାଗୁଡ଼ିକ ଯେତେ ବ୍ୟାପକ ଥିଲେ ମଧ୍ୟ, ଏହାର କ୍ଷମତାଗୁଡ଼ିକ ସ୍ୱବିବେକାଧୀନ ଅଟନ୍ତି ଏବଂ ଯଦିଓ ବିଶେଷ ଅନୁମତି ମଞ୍ଜୁର କରାଯାଇଥିଲା, ନ୍ୟାୟାଳୟ, ନିମ୍ନ ନ୍ୟାୟାଧିକରଣ କିମ୍ବା ନ୍ୟାୟାଳୟଙ୍କ ଅଧିକାରିତା ସମ୍ବନ୍ଧୀୟ ପ୍ରଶ୍ନର ନିର୍ଣ୍ଣୟ ନେବାକୁ ବାଧ ନଥିଲେ ଯେଉଁଠାରେ ନିମ୍ନ ନ୍ୟାୟାଧିକରଣ କିମ୍ବା ନ୍ୟାୟାଳୟଙ୍କ ନିର୍ଣ୍ଣୟ ଏକ ଉଚ୍ଚ ନ୍ୟାୟାଧିକରଣକୁ ନିଆଯାଇଥିଲା, ଯାହାର ଅଧିକାରିତା ନିଃସନ୍ଦେହ ଥିଲା, ଏବଂ ଯାହାର ନିର୍ଣ୍ଣୟରୁ ଏହି ବିଶେଷ ଅନୁମତି ମଞ୍ଜୁର କରାଯାଇଥିଲା ଯଦି ସେହି ମାମଲାର ତଥ୍ୟ ଏବଂ

ପରିସ୍ଥିତି ଉପରେ, ସେହି ଅନୁଚ୍ଛେଦ ଅନୁଯାୟୀ ସେହି ଆବେଦନକୁ ବିଚାର କରିବାରେ ଏହା ଏହି ଉପସଂହାରରେ ପହଞ୍ଚିଥିଲେ ଯେ ନ୍ୟାୟର କୌଣସି ବିଫଳତା ହୋଇନଥିଲା ।

*ଏ. ଏମ୍. ଆଲିସନ୍ ବନାମ ବି. ଏଲ୍. ସେନ୍*, [1957] S.C.R. 359, ଉପରେ ନିର୍ଭର କରାଯାଇଥିଲା ।

ଦେୱାନୀ ଆବେଦନ ଅଧିକାରିତା: ସମୀକ୍ଷା ଆବେଦନ ସଂଖ୍ୟା 37/1959 ।

ଦେୱାନୀ ଆବେଦନ ସଂଖ୍ୟା 38/1958 ରେ ଅକ୍ଟୋବର 29, 1959 ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶର ସମୀକ୍ଷା କରିବା ପାଇଁ ଆବେଦନ ।

ଆବେଦନକାରୀଙ୍କ ତରଫରୁ *ଭାରତର ସଲିସିଟର ଜେନେରାଲ ସି. କେ. ଡାଫ୍ଟାରୀ, ବି. ସେନ୍, ଜେ. ବି. ମେହେଟ୍ଟା ଏବଂ ଜେ. ବି. ଦାଦାଚାଞ୍ଜି* ।

ଉତ୍ତରଦାତାମାନଙ୍କ ତରଫରୁ *ଏନ୍. ସି. ଚାଟାର୍ଜୀ ଏବଂ ଏସ୍. ଏସ୍. ଶୁକ୍ଳା* ।

ମଧ୍ୟକ୍ଷେପକମାନଙ୍କ ସଂଖ୍ୟା 1 ରୁ 13 ତରଫରୁ *ଜେ. ବି. ମେହେଟ୍ଟା ଏବଂ ଜେ. ବି. ଦାଦାଚାଞ୍ଜି* ।

ମଧ୍ୟକ୍ଷେପକମାନଙ୍କ ସଂଖ୍ୟା 14 ରୁ 19 ତରଫରୁ *ଜେ. ବି. ଦାଦାଚାଞ୍ଜି* ।

ନ୍ୟାୟମୂର୍ତ୍ତି ୱାଞ୍ଚୁ 1960. ଅଗଷ୍ଟ 3. ନ୍ୟାୟାଳୟଙ୍କ ରାୟ ନ୍ୟାୟମୂର୍ତ୍ତି ୱାଞ୍ଚୁଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା -

ଏହା ଏହି ନ୍ୟାୟାଳୟଙ୍କ ଦ୍ୱାରା ଅକ୍ଟୋବର 29, 1959 ରେ ଦିଆଯାଇଥିବା ରାୟ, ଯେଉଁଥିରେ ଆମ୍ଭେ ତିନି ଜଣ ସାମିଲ ଥିଲୁ, ତାହାର ସମୀକ୍ଷା ପାଇଁ ଏକ ଆବେଦନ । ଯେଉଁ ଆଧାରରେ ସମୀକ୍ଷା ଦାବି କରାଯାଇଛି ତାହା ହେଉଛି ରେକର୍ଡରେ ଭୁଲ ଏବଂ/କିମ୍ବା ତ୍ରୁଟି ସ୍ପଷ୍ଟ ଅଟେ ଏବଂ ତେଣୁ, ପ୍ରଶ୍ନରେ ଥିବା ଏହି ରାୟର ସମୀକ୍ଷା କରାଯିବା ଉଚିତ । ଆବେଦନକାରୀ ଆହୁରି ଯୁକ୍ତି କରିଛନ୍ତି ଯେ ସମୀକ୍ଷାଧୀନ ରାୟଟି ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚ

ନ୍ୟାୟାଳୟଙ୍କ ଦ୍ୱାରା ଆଜ୍ଞାଦେଶ ଜାରି କରିବା ବିଷୟ ଉପରେ ବିଚାର କରିଥିଲା ଏବଂ ଏଥିରେ ଏକ ପ୍ରଶ୍ନ ଅନ୍ତର୍ଭୁକ୍ତ ଥିଲା ଯାହା କେବଳ ପାଞ୍ଚ ଜଣିଆ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଗଠିତ ଏକ ଖଣ୍ଡପୀଠ ଦ୍ୱାରା ବିଚାର କରା ଯାଇପାରିଥାନ୍ତା-ଏବଂ ସେଥିପାଇଁ ସମୀକ୍ଷା ଆବେଦନକୁ ପାଞ୍ଚ ଜଣିଆ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଗଠିତ ଏକ ଖଣ୍ଡପୀଠ ସମ୍ମୁଖରେ ରଖାଯାଇଛି । ଶେଷରେ ଏହା ଯୁକ୍ତି କରାଯାଇଛି ଯେ ଏହି ନ୍ୟାୟାଳୟ ଅଧିକାରିତାର ପ୍ରଶ୍ନ ଉପରେ ନିର୍ଣ୍ଣୟ ନେବା ଉଚିତ ଥିଲା କାରଣ ଅନ୍ୟ ପକ୍ଷମାନେ ଏହି ମାମଲାର ନିର୍ଣ୍ଣୟ ଦ୍ୱାରା ପରିଚାଳିତ ହେବାକୁ ରାଜି ହୋଇଥିଲେ ଏବଂ ଏହା ଦ୍ୱାରା ବହୁବିଧ କାର୍ଯ୍ୟାନୁଷ୍ଠାନରୁ ରକ୍ଷା ମିଳିପାରିଥାନ୍ତା ।

ଆବେଦନର ସମର୍ଥନରେ ଉଠାଯାଇଥିବା ପ୍ରସଙ୍ଗଗୁଡିକ ଉପରେ ବିଚାର କରିବା ପୂର୍ବରୁ ଆମ୍ଭେ କହିବାକୁ ଚାହୁଁ ଯେ ସମୀକ୍ଷାଧୀନ ଏହି ରାୟ ଦ୍ୱାରା ପ୍ରକୃତରେ କ'ଣ ନିର୍ଣ୍ଣୟ ନିଆଯାଇଥିଲା । ମଜୁରୀ ଅର୍ଥପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ଆଦେଶ ବିରୁଦ୍ଧରେ, ଅନୁଚ୍ଛେଦ 226 ଅନୁଯାୟୀ, ବମ୍ବେ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଏକ ଆଜ୍ଞାଦେଶ ଆବେଦନରେ ସେହି ନ୍ୟାୟାଳୟଙ୍କ ନିର୍ଣ୍ଣୟରୁ, ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ, ମଞ୍ଜୁର ହୋଇଥିବା ବିଶେଷ ଅନୁମତି ଦ୍ୱାରା ଦାଖଲ ହୋଇଥିବା ଆବେଦନ, ଯେଉଁଥିରେ ସମୀକ୍ଷାଧୀନ ରାୟ ଦିଆଯାଇଥିଲା, ଏହି ନ୍ୟାୟାଳୟ ସମ୍ମୁଖକୁ ଆସିଥିଲା । ଏହି ନ୍ୟାୟାଳୟ ସମ୍ମୁଖରେ ମଜୁରୀ ଅର୍ଥପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ଅଧିକାରିତା ଉପରେ ପ୍ରଶ୍ନ ଉଠାଯାଇଥିଲା ଏବଂ ସେହି ସମ୍ବନ୍ଧରେ *ଏ. ଭି. ଡି 'କୋଷ୍ଟା ବନାମ ବି. ସି. ପଟେଲ ଏବଂ ଅନ୍ୟଜଣେ*[1] ମାମଲାରେ ଦିଆଯାଇଥିବା ନିର୍ଣ୍ଣୟ ଉପରେ ନିର୍ଭର କରାଯାଇଥିଲା । ସମୀକ୍ଷାଧୀନ ରାୟରେ ଏହା ମନ୍ତବ୍ୟ ଦିଆଯାଇଥିଲା ଯେ ମଜୁରୀ ଅର୍ଥପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ଅଧିକାରିତା ସମ୍ବନ୍ଧୀୟ ଯୁକ୍ତିରେ କିଛି ପରିମାଣର ଦୃଢ଼ତା ଥିବା ପରି ଜଣାପଡୁଛି; କିନ୍ତୁ ଯେହେତୁ ନ୍ୟାୟର କୌଣସି ବିଫଳତା ହୋଇ ନଥିଲା ତେଣୁ ଏହି ନ୍ୟାୟାଳୟ, ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଥିବା ଏହାର କ୍ଷମତା ଅଧୀନରେ, ହସ୍ତକ୍ଷେପ କରିବେ ନାହିଁ - ଏହି ଦୃଷ୍ଟିକୋଣରୁ ଏହି ନ୍ୟାୟାଳୟ ଆଗକୁ ଯାଇ ସେହି ପ୍ରଶ୍ନ ଉପରେ ନିର୍ଣ୍ଣୟ ନେଇ ନଥିଲେ, ବିଶେଷ କରି ଯେହେତୁ ମାମଲାଟି ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟରୁ ଆସିଥିଲା ଏବଂ ସିଧାସଳଖ କର୍ତ୍ତୃପକ୍ଷଙ୍କଠାରୁ ଆସି ନଥିଲା ।

---

(1) [1955] 1 S.C.R. 1353.

ସେହି ସମ୍ବନ୍ଧରେ, *ଏ. ଏମ୍. ଆଲିସନ୍ ବନାମ ବି. ଏଲ୍. ସେନ୍*(2) ମାମଲାକୁ ଉଲ୍ଲେଖ କରାଯାଇଥିଲା, ଯେଉଁଥିରେ, ସମାନ ପରିସ୍ଥିତିରେ, ଏହି ନ୍ୟାୟାଳୟ ଅଧିକାରିତାର ପ୍ରଶ୍ନ ନିର୍ଣ୍ଣୟ କରିବାକୁ ମନା କରିଦେଇଥିଲେ, କାରଣ ଏହା ସନ୍ତୁଷ୍ଟ ଥିଲେ ଯେ ନ୍ୟାୟର କୌଣସି ବିଫଳତା ହୋଇ ନଥିଲା । ତେଣୁ ସମୀକ୍ଷାଧୀନ ରାୟରେ କେବଳ ଏତିକି ନିଷ୍ପତ୍ତି ନିଆଯାଇଥିଲା ଯେ ଯେଉଁଠାରେ ଏହି ନ୍ୟାୟାଳୟ ମତ ଦିଅନ୍ତି ଯେ ନ୍ୟାୟର କୌଣସି ବିଫଳତା ହୋଇନାହିଁ, ଏହା ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଥିବା ଏହାର କ୍ଷମତା ଅଧୀନରେ ହସ୍ତକ୍ଷେପ କରିବାକୁ ଏହି ନ୍ୟାୟାଳୟ ବାଧ୍ୟ ନୁହଁନ୍ତି । *ଆଲିସନ୍ ମାମଲାର*(2) ଉଲ୍ଲେଖ କେବଳ ଏହା ଦର୍ଶାଇବା ପାଇଁ କରାଯାଇଥିଲା ଯେ ପ୍ରାୟ ସମାନ ପରିସ୍ଥିତିରେ (କିନ୍ତୁ *ଆଲିସନ୍ ମାମଲାଟି* ସମ୍ବିଧାନର ଅନୁଚ୍ଛେଦ 133 (1) (c) ଅନୁଯାୟୀ ମଞ୍ଜୁର ହୋଇଥିବା ପ୍ରମାଣ ପତ୍ର ଦ୍ୱାରା ଏହି ନ୍ୟାୟାଳୟକୁ ଆସିଥିଲା), ଏହି ନ୍ୟାୟାଳୟ ଅଧିକାରିତାର ପ୍ରଶ୍ନ ଉପରେ ନିଷ୍ପତ୍ତି ନେବାକୁ ମନା କରିଦେଇଥିଲେ କାରଣ ନ୍ୟାୟର କୌଣସି ବିଫଳତା ହୋଇ ନଥିଲା । ସମୀକ୍ଷାଧୀନ ରାୟ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ କ୍ଷମତା ସମ୍ପର୍କରେ କିଛି ଉଲ୍ଲେଖ କରିନଥିଲା ଏବଂ କୌଣସି ପ୍ରକାରେ ଏପରି କିଛି ନିର୍ଦ୍ଧାରିତ କରିନଥିଲା ଯାହାକି *ଏଚ. ଭି. କାମଥ୍ ବନାମ ସୟଦ୍ ଅହମ୍ମଦ୍ ଇଶାକ୍ ଏବଂ ଅନ୍ୟମାନେ*(3) ମାମଲାରେ ଏହି ନ୍ୟାୟାଳୟଙ୍କ ପୂର୍ବ ନିର୍ଣ୍ଣୟ ସହିତ ବିରୋଧରେ ରହିଥିଲା ।

ତେଣୁ ସମୀକ୍ଷାଧୀନ ରାୟ ଦ୍ୱାରା ନିର୍ଣ୍ଣୟ କରାଯାଇଥିବା ସଂକୀର୍ଣ୍ଣ ପ୍ରସଙ୍ଗଟି ଏହା ଥିଲା ଯେ ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଏକ ଆବେଦନ ଉପରେ ବିଚାର କରିବା ସମୟରେ, ଏହି ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିଛନ୍ତି ଯେ ନ୍ୟାୟର କୌଣସି ବିଫଳତା ହୋଇନାହିଁ, ଏହା ସେତେବେଳେ ମଧ୍ୟ ନିର୍ଣ୍ଣୟ ନେବାକୁ ଏବଂ ହସ୍ତକ୍ଷେପ କରିବାକୁ ବାଧ୍ୟ ନୁହେଁ ଯେତେବେଳେ ମୂଳ ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣଙ୍କ ଅଧିକାରିତାର ପ୍ରଶ୍ନ ଏକ ମାମଲାରେ ଉଠିଥାଏ ଯେଉଁଠାରେ ମାମଲାଟି ଏକ ଉଚ୍ଚ ନ୍ୟାୟାଧିକରଣଙ୍କ ଦ୍ୱାରା ବିଚାର କରାଯାଇଥିଲା

(2) [1957] S.C.R. 359.

(3) [1955] 1. S.C.R. 1104

ଯାହାର ନିଃସନ୍ଦେହରେ ଅଧିକାରିତା ଥିଲା, ଏବଂ ଏହି ନ୍ୟାୟାଳୟରେ ସେହି ଆବେଦନଟି ସେହି ଉଚ୍ଚ ନ୍ୟାୟାଧିକରଣଙ୍କ ନିର୍ଣ୍ଣୟରୁ ଆସିଅଛି ।

ସମୀକ୍ଷାଧୀନ ରାୟରେ ଏହି ନ୍ୟାୟାଳୟଙ୍କ ଏହା ନିର୍ଣ୍ଣୟ ହୋଇଥିବାରୁ, ଆବେଦନରେ ଅନୁରୋଧ କରାଯାଇଥିବା ଆଧାରରେ ସେହି ରାୟର ସମୀକ୍ଷା କରିବାର କୌଣସି ଯଥାର୍ଥତା ଅଛି କି ନାହିଁ ଆସନ୍ତୁ ଦେଖିବା । ସମୀକ୍ଷାର ସମର୍ଥନରେ ମୁଖ୍ୟ ଆଧାରକୁ ବିଚାର କରିବା ପୂର୍ବରୁ, ଆମ୍ଭେ ଲକ୍ଷ୍ୟ କରିବାକୁ ଚାହୁଁ ଯେ ସମୀକ୍ଷାଧୀନ ରାୟର ନିର୍ଣ୍ଣୟ ଦ୍ୱାରା ପରିଚାଳିତ ହେବାକୁ ଅନ୍ୟ ପକ୍ଷମାନେ ରାଜି ହୋଇଥିଲେ ବୋଲି ଯେଉଁ ତଥ୍ୟ ଅଛି, ତାହା ସମୀକ୍ଷା ପାଇଁ କୌଣସି ଆଧାର ହୋଇପାରିବ ନାହିଁ । ତେବେ ରେକର୍ଡରେ ଏପରି ଭୁଲ ଏବଂ/କିମ୍ବା ତ୍ରୁଟି ସ୍ପଷ୍ଟ ଅଛି କି ଯାହା ଏକ ସମୀକ୍ଷାକୁ ଯଥାର୍ଥ ସାବ୍ୟସ୍ତ କରିବ? ଏହା କୁହାଯାଏ ଯେ ଏହି ମାମଲାରେ ନ୍ୟାୟର ବିଫଳତା ହୋଇଛି କି ନାହିଁ ତାହା ବିଚାର କରିବା ସମୟରେ, ଏହି ନ୍ୟାୟାଳୟ ବମ୍ବେ ଶିଳ୍ପ ସମ୍ପର୍କ ଅଧିନିୟମ, 1946 ର କିଛି ବ୍ୟବସ୍ଥାଗୁଡ଼ିକୁ ବିଚାର କରିବାରୁ ବାଦ୍ ଦେଇଥିଲେ । ଏହାକୁ ଠିକ୍ ବୋଲି ଧରିନେବା ପରେ ବି ତଥାପି ପ୍ରଶ୍ନ ଉଠୁଛି ଯେ ସେହି ବ୍ୟବସ୍ଥାଗୁଡ଼ିକ ଉପରେ ବିଚାର କରିବା ପରେ ମଧ୍ୟ, ନ୍ୟାୟର ବିଫଳତା ପ୍ରଶ୍ନ ଉପରେ, ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟ ଭିନ୍ନ ହୋଇଥାନ୍ତା କି ନାହିଁ । ନ୍ୟାୟର କୌଣସି ବିଫଳତା ହୋଇନାହିଁ ବୋଲି କହିବା ପାଇଁ ସମୀକ୍ଷାଧୀନ ରାୟରେ ଦିଆଯାଇଥିବା କାରଣ ଉପରେ ଅଧିକ ବିଚାର କରିବା ପରେ, ଆମ୍ଭେ ଅନୁଭବ କରୁଛୁ ଯେ ଏହି ପ୍ରସଙ୍ଗରେ ମଧ୍ୟ ନିଷ୍ପତ୍ତି ସମାନ ହୋଇଥାନ୍ତା ଯଦିଓ ସୂଚିତ ବ୍ୟବସ୍ଥାଗୁଡ଼ିକୁ ବିଚାରକୁ ନିଆଯାଇଥାନ୍ତା । ଏହି ପରିସ୍ଥିତିରେ, ଆମ୍ଭର ମତ ହେଉଛି ଯେ ଏହି ରାୟର ସମୀକ୍ଷା ପାଇଁ କୌଣସି ଆଧାର ନାହିଁ ଯଦିଓ ଏହା ଅନୁମାନ କରାଯାଏ ଯେ ବମ୍ବେ ଶିଳ୍ପ ସମ୍ପର୍କ ଅଧିନିୟମ, 1946 ର କିଛିଟା ବ୍ୟବସ୍ଥା ପ୍ରାସଙ୍ଗିକ ଥିଲା ଏବଂ ତାହା ଉପରେ ବିଚାର କରାଯାଇ ନଥିଲା ।

ତେବେ ଆବେଦନକାରୀଙ୍କ ମୁଖ୍ୟ ବିଷୟବସ୍ତୁ ହେଉଛି ଯେ ଏହି ନ୍ୟାୟାଳୟ ଅଧିକାରିତା ସମ୍ବନ୍ଧୀୟ ପ୍ରଶ୍ନ ଉପରେ ବିଚାର କରିବାକୁ ବାଧ୍ୟ ଥିଲେ ଏବଂ ନ୍ୟାୟର ବିଫଳତା ଥିଲା କି ନାହିଁ ଏହି ପ୍ରଶ୍ନ, ଅଧିକାରିତା ସମ୍ବନ୍ଧୀୟ ପ୍ରଶ୍ନ ସହିତ ଜଡିତ ଥିଲା ଏବଂ ନ୍ୟାୟର କୌଣସି ବିଫଳତା ହୋଇ ନଥିଲା - ଏହି ଉପସଂହାରରେ ପହଞ୍ଚିବା ପାଇଁ ସେହି ପ୍ରଶ୍ନ ଉପରେ

ଏକ ନିର୍ଣ୍ଣୟ ଆବଶ୍ୟକ ଥିଲା । ଆମ୍ଭ ମତରେ, ଏହି ଯୁକ୍ତିକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଯିବା ଉଚିତ, ବିଶେଷ କରି ସେହି ସଂକୀର୍ଣ୍ଣ ପ୍ରସଙ୍ଗ ସନ୍ଦର୍ଭରେ, ଯାହା ଆମେ ପୂର୍ବରୁ ସୂଚାଇ ଦେଇଛୁ, ଯାହାକି ସମୀକ୍ଷାଧୀନ ରାୟରେ ନିର୍ଣ୍ଣୟ କରାଯାଇଥିଲା । ଏହା ବ୍ୟତୀତ, ଏହା ଆଇନ ପାଇଁ ଅଜଣା ନୁହେଁ ଯେ ମୂଳ ନ୍ୟାୟାଳୟ ଏବଂ ନ୍ୟାୟାଧିକରଣଙ୍କ ନିଷ୍ପତ୍ତିକୁ ବଳବତ୍ତର ରହିବାକୁ ଅନୁମତି ଦିଆଯାଇପାରେ ଯଦିଓ ଏହିପରି ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣଙ୍କ ଅଧିକାରିତା ବିଷୟରେ କିଛି ସନ୍ଦେହ ରହିଥାଇପାରେ । ରାଜସ୍ୱ ଆଇନରେ ଏପରି ବ୍ୟବସ୍ଥାଗୁଡ଼ିକ ରହିଛି, ଯେଉଁଥିରେ ଦେୱାନୀ ନ୍ୟାୟାଳୟ କିମ୍ବା ରାଜସ୍ୱ ନ୍ୟାୟାଳୟଙ୍କ ମଧ୍ୟରୁ କାହାର ଅଧିକାରିତା ରହିଛି, ସେ ନେଇ ସନ୍ଦେହ ହେଲେ ମୂଳ ନ୍ୟାୟାଳୟଙ୍କ ନିର୍ଣ୍ଣୟକୁ କେତେକ ପରିସ୍ଥିତିରେ ବଳବତ୍ତର ରହିବାକୁ ଅନୁମତି ଦିଆଯାଇଥାଏ, ଯଦି ନ୍ୟାୟର କୌଣସି ବିଫଳତା ହୋଇନଥାଏ (ଉଦାହରଣ ସ୍ୱରୂପ, ୟୁ. ପି. ପ୍ରଜାସ୍ୱତ୍ତ୍ୱ ଅଧିନିୟମ 1939 ର ଧାରା 290 ଏବଂ 291 ଦେଖନ୍ତୁ) । ତେଣୁ ଯେତେବେଳେ ସମୀକ୍ଷାଧୀନ ରାୟ, ଅଧିକାରିତାର ପ୍ରଶ୍ନକୁ ଏହି ଆଧାରରେ ଖୋଲା ରଖିଥିଲା ଯେ ନ୍ୟାୟର କୌଣସି ବିଫଳତା ହୋଇନଥିଲା ଏବଂ ଫଳସ୍ୱରୂପ, ଏହି ନ୍ୟାୟାଳୟ ଅନୁଚ୍ଛେଦ 136 ଅନୁଯାୟୀ ଏହାର ଅଧିକାରିତା ପ୍ରୟୋଗ କରିବାକୁ ମନା କରିଦେଇଥିଲେ, ଏହା କୁହାଯାଇପାରିବ ନାହିଁ ଯେ ଏପରି କିଛି କରାଯାଇଥିଲା ଯାହା ଆଇନକୁ ଅଜଣା ଥିଲା । ଏହା ମନେ ରଖିବା ଆବଶ୍ୟକ ଯେ ଅନୁଚ୍ଛେଦ 136 ଅନୁଯାୟୀ ଆମ୍ଭର କ୍ଷମତାଗୁଡ଼ିକ ଯେତେ ବ୍ୟାପକ ଥିଲେ ମଧ୍ୟ, ସେମାନଙ୍କର ପ୍ରୟୋଗ ସ୍ୱବିବେକାଧୀନ ଅଟେ; ଏବଂ ଯଦି ଏହା ସ୍ୱୀକାର କରାଯାଏ, ଯେପରି ଏହି ତର୍କ ସମୟରେ କରାଯାଇଥିଲା, ଯେ ଏହି ନ୍ୟାୟାଳୟ ଆବେଦନକାରୀଙ୍କ ବିଶେଷ ଅନୁମତି ଆବେଦନକୁ ଏହି ଆଧାରରେ ସଂକ୍ଷେପରେ ଖାରଜ କରିପାରିଥାନ୍ତେ ଯେ ଆବେଦନ ଅଧୀନରେ ଥିବା ଆଦେଶ ଯଥେଷ୍ଟ ନ୍ୟାୟ କରିଥିଲା, ଏହି ତର୍କକୁ ପ୍ରଶଂସା କରିବା କଷ୍ଟକର ଯେ ଯେହେତୁ ଅନୁମତି ମଞ୍ଜୁର ହୋଇଛି, ଏହି ନ୍ୟାୟାଳୟ ସର୍ବଦା ଏବଂ ପ୍ରତ୍ୟେକ ମାମଲାରେ ନିହିତ ସତ୍ୟାସତ୍ୟତା ଉପରେ ବିଚାର କରିବା ଆବଶ୍ୟକ ଯଦିଓ ଏହା ସନ୍ତୁଷ୍ଟ ଥାଏ ଯେ ନ୍ୟାୟର ଉଦ୍ଦେଶ୍ୟ, ଏକ ନିର୍ଦ୍ଦିଷ୍ଟ ମାମଲାରେ, ଏହାର ହସ୍ତକ୍ଷେପକୁ ଯଥାର୍ଥ ସାବ୍ୟସ୍ତ କରେ ନାହିଁ । ଏହି ପରିସ୍ଥିତିରେ, ଆମ୍ଭର ମତ ହେଉଛି ଯେ ଏହି ନ୍ୟାୟାଳୟ ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ଅଧିକାରିତାର ପ୍ରଶ୍ନ ନିର୍ଣ୍ଣୟ କରିବାକୁ ବାଧ ନଥିଲେ ଯେତେବେଳେ ଏହା ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଏକ ଆବେଦନ

ଉପରେ ବିଚାର କରି ଉପସଂହାରରେ ପହଞ୍ଚିଥିଲେ ଯେ ନ୍ୟାୟର କୌଣସି ବିଫଳତା ହୋଇ ନଥିଲା । ତେଣୁ ସମୀକ୍ଷା ଆବେଦନଟି ବିଫଳ ହୋଇଛି ଏବଂ ଏତଦ୍-ଦ୍ୱାରା ଖର୍ଚ୍ଚ ସହିତ ଖାରଜ ହୋଇଛି ।

ସମୀକ୍ଷା ଆବେଦନଟି ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।